

text of the time..

# ଜୋନାଥନ୍‌ର ଡେଣା



ଶୈଳେନ୍ଦ୍ର ଦ୍ୱିବେଦୀ



# ଜୋନାଥନ୍‌ର ଡେଣା

ନିକଟରେ ଏକ ବିରଳ ମୋକଦ୍ଦମାର ବିଚାର ଦାୟିତ୍ୱ ନେଇଛନ୍ତି ଭାରତର ସୁପ୍ରିମ୍‌କୋର୍ଟ । ବିଚାର ସିଧାସଳଖ କୌଣସି ମଣିଷ ବା ନାଗରିକର ନୁହେଁ- ପକ୍ଷୀ ସ୍ୱାଧୀନତାର । ପକ୍ଷୀ ମୁକ୍ତ ଭାବରେ ଆକାଶରେ ଉଡି ପାରିବାର ସ୍ୱାଧୀନତା । ପ୍ରସଙ୍ଗ ପକ୍ଷୀମାନଙ୍କ ମୌଳିକ ଅଧିକାରକୁ ନେଇ । ଉଚ୍ଚତମ ନ୍ୟାୟାଳୟରେ ଏଇ ଜନସ୍ୱାର୍ଥ ଯାଚିକା ଦାଏର କରିଛନ୍ତି 'ପେଟ୍ ଲଭର୍ସ୍ ଆସୋସିଏସନ୍' । ସେମାନଙ୍କର ଅଭିଯୋଗ ଯେ ଗୁଜୁରାଟ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ଆଳରେ ପୁଲିସ ପକ୍ଷୀ ବେପାର ରୀତିମତ ବନ୍ଦ କରିବା ପାଇଁ ବସିଛି । ଆଉ ପଞ୍ଜୁରିରେ ବନ୍ଦ କରି ଚଢ଼େଇ ବିକ୍ରି କରିହେବ ନାହିଁ । ଏଇ ଆଦେଶ ଅନୁପାଳନ କରି ଫରିଦାବାଦର ଡେପୁଟି କମିଶନର ସେପ୍ଟେମ୍ବର ୨୭, ୨୦୧୧ରେ ନିର୍ଦ୍ଦେଶ ଦେଇଥିଲେ ଯେ ପିଞ୍ଜରାବଦ୍ଧ ପକ୍ଷୀମାନଙ୍କୁ ମୁକ୍ତ କରାଯାଉ । ପରେ ଅକ୍ଟୋବର ୨୫, ୨୦୧୨ରେ ଚଣ୍ଡୀଗଡ ପ୍ରଶାସନ ନିଷ୍ପତ୍ତି ନେଇଥିଲେ ଯେ ଗୁଜରାଟ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଲାଗୁ ହେବ । ତେଣିକି ପଞ୍ଜୁରିରେ ଚଢ଼େଇ ବିକୁଥିବା ବ୍ୟବସାୟୀଙ୍କ ଦୋକାନ୍ ସିଲ୍ ହେଲା ଏବଂ ସେମାନଙ୍କୁ ଗିରଫ କରାଗଲା । ପରିସ୍ଥିତି ଏମିତି ମୋଡ ନେଲା ଯେ ମେ', ୨୦୧୩ରେ ପଶୁ କଲ୍ୟାଣ ବୋର୍ଡ ସବୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଦେଲେ- ଯେ କୌଣସି ବ୍ୟକ୍ତି ବା ବ୍ୟବସାୟୀ ଯେମିତି ପଞ୍ଜୁରିରେ ପକ୍ଷୀ ବିକ୍ରି କରିନପାରନ୍ତି । ମାର୍ଚ୍ଚ ୨୦, ୨୦୧୪ରେ ମୁମ୍ବାଇ ପ୍ରଶାସନ ଏବଂ ଜୁନ୍ ୭, ୨୦୧୪ ରେ କର୍ଣ୍ଣାଟକ ସରକାର ସମାନ ନିର୍ଦ୍ଦେଶ ଜାରି କଲେ । କଥା ଏତିକିରେ ସରି ନଥିଲା । ମେ', ୨୦୧୫ରେ ଦିଲ୍ଲୀ ହାଇକୋର୍ଟ 'ପିପୁଲ୍ ଫର୍ ଆନିମଲ୍‌ସ' ସ୍ୱେଚ୍ଛାସେବୀ ସଂସ୍ଥାଦ୍ୱାରା ଆଗତ ହୋଇଥିବା ଏକ ଯାଚିକାରେ ଶୁଣାଣି କରି ରାୟ ଦେଇଥିଲେ ଯେ ପକ୍ଷୀମାନଙ୍କର ମୌଳିକ ଅଧିକାର ରହିଛି- ଉଡିବା ପାଇଁ, ମର୍ଯ୍ୟାଦାର ସହିତ ବଞ୍ଚିବା ପାଇଁ,

ମନୁଷ୍ୟକୃତ ନୃଶଂସତାର ଶିକାର ନହେବା ପାଇଁ, ଆକାଶରେ ଡେଣା ମେଲେଇବା ପାଇଁ, ଯାହାକୁ କୌଣସି ସ୍ଥିତିରେ କ୍ଷୁଣ୍ଣ କରାଯାଇ ପାରିବ ନାହିଁ । ଏବେ ସୁପ୍ରିମ୍‌କୋର୍ଟ ପକ୍ଷୀ ସ୍ୱାଧୀନତା ମାମଲାକୁ ବିଚାର ପାଇଁ ଗ୍ରହଣ କରିବା ଅବସରରେ ଜଣେ ସାମ୍ବାଦିକ ମନେ ପକାଇ ଦେଇଛନ୍ତି ଯେ ତମାମ ଘଟଣାକ୍ରମ ଆମକୁ ମନେ ପକାଇ ଦେଉଛି ରିଚାର୍ଡ ବ୍ୟାକ୍‌ଙ୍କ ପ୍ରସିଦ୍ଧ କୃତି 'ଜୋନାଥନ୍ ଲିଭିଂଷ୍ଟୋନ୍ ସି' ଗଲ୍‌କୁ' । ପାଠକେ, ଯାହାକୁ ଶ୍ରୀଯୁକ୍ତ ବ୍ୟାକ୍ ଏକ କାହାଣୀ ଭାବେ ଲେଖିଥିଲେ ଏବଂ ଯାହା ପ୍ରକାଶ ପାଇବାର ଦୁଇବର୍ଷ ଭିତରେ ବହି ବିକ୍ରିର ସବୁ ରେକର୍ଡ ଭାଙ୍ଗି ଦେଇଥିଲା ଏବଂ ମୂଳ କାହାଣୀକୁ ଆଧ୍ୟାତ୍ମିକତା ସହିତ ଯୋଡି ଦେଇଥିଲା, ସେଇ ପ୍ରସିଦ୍ଧ ଲେଖାରେ ମୂଳ ଚରିତ୍ର ଏକ ପକ୍ଷୀ, ଯାହାର ନାଁ ଜୋନାଥନ୍ ଲିଭିଂଷ୍ଟୋନ୍ ସି'ଗଲ୍ । ଜୋନାଥନ୍ ଉପରେ ସଂକ୍ଷିପ୍ତ ଆଲୋଚନାକୁ ଆସିବା ଆଗରୁ ଆସନ୍ତୁ ଗୁଜରାଟ ହାଇକୋର୍ଟର ମେ', ୨୦୧୧ ନିଷ୍ପତ୍ତିକୁ ।

ମେ' ୧୨, ୨୦୧୧ରେ ଗୁଜରାଟ ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଥିଲେ ଯେ ଆକାଶରେ ମୁକ୍ତ ଭାବରେ ଉଡିବା ପାଇଁ ପକ୍ଷୀଙ୍କର ମୌଳିକ ଅଧିକାର ରହିଛି । ନିର୍ଦ୍ଦିଷ୍ଟ ମାମଲାରେ ବେଆଇନ୍ ଭାବରେ ବିକ୍ରି ହେବାପାଇଁ ଥିବା ୪୯୪ ପକ୍ଷୀରୁ ମୁକ୍ତ କରାଯାଉ । ସେଦିନ ଆଦେଶ ଶୁଣେଇଥିଲେ ଜଣିକିଆ ଖଣ୍ଡପୀଠ– ଜଷ୍ଟିସ୍ ଏମ୍.ଆର୍.ଶାହା । କୋର୍ଟରେ ଯୁକ୍ତି ଦର୍ଶାଯାଇଥିଲା ଯେ ପକ୍ଷୀମାନଙ୍କ ପ୍ରତି ନୃଶଂସତା ପ୍ରଦର୍ଶିତ ହେଉନାହିଁ କିମ୍ବା ୧୯୭୨ ଆଇନ ଅନୁଯାୟୀ ସେମାନେ ବିରଳ / ସଂରକ୍ଷିତ / ବିଲୁପ୍ତ ପ୍ରାୟ ପ୍ରଜାତି ନୁହନ୍ତି । ସେମାନଙ୍କୁ ପଞ୍ଜୁରିରେ ରଖିବା ପାଇଁ ଲାଇସେନ୍ସର ଆବଶ୍ୟକତା ନାହିଁ । ତେବେ ଅପର ପକ୍ଷରୁ ଏକଥା ମଧ୍ୟ କୁହାଯାଇଥିଲା ଯେ ପିଞ୍ଜରାବଦ୍ଧ ୪୯୪ ପକ୍ଷୀଙ୍କ ମଧ୍ୟରୁ ଅଧିକାଂଶଙ୍କ ଡେଣା / ପକ୍ଷ କାଟି ସାନ କରି ଦିଆଯାଇଛି । ସେମାନଙ୍କ ଗୋଡରେ ଶିକୁଳି ଲାଗିଛି; କେତେକଙ୍କ ଡେଣାରେ ସେଲୋଟେପ୍ ଲାଗିଛି । ଏହା ନୃଶଂସତା ନୁହେଁ ତ ଆଉ କ'ଣ ? କୋର୍ଟ କହିଥିଲେ ଯେ ପ୍ରକୃତିକୁ ବିଜ୍ଞାନସମ୍ମତ ଭାବେ ଏବଂ ପୂର୍ଣ୍ଣାଙ୍ଗରେ ବୁଝିବା ଆମ ପାଇଁ ଜରୁରୀ ହୋଇପଡିଛି । ନଚେତ୍ ପରିବେଶ ସନ୍ତୁଳନ ଯାହା ବିଗିଡି ସାରିଛି, ଅଧିକ ଭୟାବହ ହେବ । ଭାରତୀୟ ସମ୍ବିଧାନର ଧାରା ୫୧(କ) (ଛ) ପ୍ରତ୍ୟେକ ନାଗରିକଙ୍କୁ ଜୀବ ପ୍ରତି ଦୟାଶୀଳ ହେବାପାଇଁ ସୂଚେଇ ଦେଇଛି । କାହାକୁ କଷ୍ଟଯନ୍ତ୍ରଣା ଦେବାର ଅଧିକାର ଆମର ନାହିଁ । ସେଇ ଦୃଷ୍ଟିରୁ ପକ୍ଷୀକୁ ପଞ୍ଜୁରିରେ ଆବଦ୍ଧ କରି ରଖିବାର ଅର୍ଥ, ସେମାନଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରିବା ।

ପାଠକେ, ଜୁନ୍, ୧୦୧୫ରେ ଅନ୍ୟ ଏକ ମାମଲାରେ ପ୍ରାୟ ସମାନ ମତ ଦେଇଥିଲେ ଦିଲ୍ଲୀ ହାଇକୋର୍ଟ । ସ୍ପଷ୍ଟ କରିଥିଲେ ଯେ ପକ୍ଷୀଙ୍କୁ ନେଇ ଯେ କୌଣସି ବେପାର ସେମାନଙ୍କ ମୌଳିକ ଅଧିକାରର ଉଲ୍ଲଙ୍ଘନ । ସେମାନଙ୍କୁ ମୁକ୍ତ କରାଯାଉ ।

ଏବେ ଆସିବା ରିଚାର୍ଡ ବ୍ୟାକ୍‌ଙ୍କ ଲେଖାକୁ । ମୂଳତଃ କାହାଣୀ ଭାବରେ ଲେଖା ହୋଇଥିବା 'ଜୋନାଥନ୍ ଲିଭିଂଷ୍ଟୋନ୍ ସି'ଗଲ୍' ପ୍ରଥମେ ପ୍ରକାଶିତ ହୋଇଥିଲା ୧୯୭୦ରେ । ଜୋନାଥନ୍ ଏକ ସାଧାରଣ ସି'ଗଲ୍ ଯିଏ କିନ୍ତୁ ସାଧାରଣ ଜୀବନଶୈଳୀରେ ଆଦୌ ସନ୍ତୁଷ୍ଟ ନୁହେଁ । ଅନ୍ୟ ସି'ଗଲ୍‌ମାନଙ୍କ ପରି ଆକାଶରେ ନିରାପଦ ଉଚ୍ଚତାରେ ଉଡିବା, ନିରୋଳା ଖାଦ୍ୟ ଚିନ୍ତା କରିବା ଏବଂ ଦଳରେ ଆନୁଗତ୍ୟ ପ୍ରଦର୍ଶନ କରି ରହିବା ତା'ର ପ୍ରକୃତି ନୁହେଁ । ବରଂ ଜୋନାଥନ୍‌ର ଲକ୍ଷ୍ୟ, ସେ ଖୁବ୍ ଉଚ୍ଚକୁ ଉଡିବ, ପାଞ୍ଚହଜାର ଫୁଟ ଉଚ୍ଚତାରୁ ଲମ୍ଫ ଦେବ ସମୁଦ୍ର ବକ୍ଷକୁ... ଉଡିବାର ଯେତେ ନୂଆ କୌଶଳ, ସବୁ ସେ ଆପଣେଇବ । ଏଇ ମାନସିକତା ପାଇଁ ଏବଂ ଦଳରେ ବରିଷ୍ଠମାନଙ୍କର ତାଗିଦ୍ ନମାନି ଦୁଃସାହସିକ ଜୀବନ ବଞ୍ଚିବାରୁ ଜୋନାଥନ୍‌କୁ ନିର୍ବାସନ ଭୋଗିବା ପାଇଁ ପଡିଛି । ତେବେ ସେ ହାରିଯାଇନାହିଁ । ଆକାଶରେ ଅନେକ ଉଚ୍ଚକୁ ଉଡିବାର ଦୁର୍ବାର ଆକାଙ୍କ୍ଷା ଏବଂ ପ୍ରତିବଦ୍ଧତା ତାକୁ ଭେଟ କରେଇଛି ଜଣେ ଜ୍ଞାନୀ ସି'ଗଲ୍ ସହିତ- ଅନ୍ୟ ଏକ ସ୍ତରରେ । ସେ ଅଜବ ଇଲାକାରେ ପୃଥିବୀଠୁ ଯଥେଷ୍ଟ କମ୍ ସି'ଗଲ୍ ଅଛନ୍ତି, କିନ୍ତୁ ଯେଉଁମାନେ ଅଛନ୍ତି, ସେମାନେ ସମସ୍ତେ ଏକ ବିରଳ ପର୍ଯ୍ୟାୟର, ଯେଉଁମାନେ ସବୁ ବାଧାବିଘ୍ନ ଅତିକ୍ରମ କରି ଉଡିବା ପାଇଁ ପ୍ରସ୍ତୁତ । ଦିନେ ଜୋନାଥନ୍ ଜାଣୁଛି ଯେ ସେ ଯେଉଁଠି ପହଞ୍ଚି ସାରିଛି, ସେଠି ପହଞ୍ଚିବା ପାଇଁ ଜନ୍ମଜନ୍ମ ଲାଗିଯାଏ । ସେଇଠି ପହଞ୍ଚିବା ନିରୋଳା ଦୂରତ୍ୱର କଥା ନୁହେଁ, ଅଙ୍କ / ଗଣିତ / ସଂଖ୍ୟାର ବା ଯୋଜନାର ନୁହେଁ, ବରଂ ସୀମାହୀନତାର, ଅନନ୍ତର, ନିର୍ମଳ ଆନନ୍ଦର । ଜୋନାଥନ୍ ଆଗ୍ରହରେ ପଚାରୁଛି, "ଯଦି ସବୁ ଏଇଠି ଅଛି, ତେବେ ସ୍ୱର୍ଗ କେଉଁଠି ?" ଉତ୍ତର : "ସ୍ୱର୍ଗ କେଉଁଠି ବ୍ୟବସ୍ଥିତ ନୁହେଁ, ସ୍ୱର୍ଗ ଏକ ମାନସିକ ସ୍ଥିତି, କ୍ରମ ଉତ୍ତରଣର ମୁହୂର୍ତ୍ତ । ମାହେନ୍ଦ୍ର ବେଳା, ଯେଉଁଠି ସମୟ ହିଁ ନାହିଁ- ସବୁ ସମୟାତୀତ ।" ପାଠକେ, ଏକ ୩ଟି ଅଧ୍ୟାୟରେ ଲେଖା ଯାଇଥିବା ମୂଳ ବହିରେ ୪ର୍ଥ ଅଧ୍ୟାୟ ଶ୍ରୀଯୁକ୍ତ ବ୍ୟାକ୍ ଯୋଡିଥିଲେ ୨୦୧୩ରେ; ଏକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯିବା ପରେ ।

ପକ୍ଷୀମାନଙ୍କ ବ୍ୟବହାରକୁ ନେଇ ହୋଇଥିବା ଗବେଷଣାରୁ ଜଣାପଡିଛି ଯେ ଶୀତଦିନେ ଯୋଡିରେ ରହିବା ପାଇଁ ଆବଶ୍ୟକ ହେଲେ ପକ୍ଷୀମାନେ ଖାଦ୍ୟ ତ୍ୟାଗ କରିଥାନ୍ତି । ପକ୍ଷୀ ସମାଜରେ ସାମାଜିକ ବନ୍ଧନକୁ ଅଗ୍ରାଧିକାର ଦିଆଯାଏ ଏବଂ ମଣିଷ ପରି ପକ୍ଷୀମାନେ ବି ପ୍ରେମରେ ପଡନ୍ତି ।

ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇଥିବା ଯାଚିକାରେ ଦର୍ଶାଯାଇଛି ଯେ ପକ୍ଷୀମାନଙ୍କୁ ପଞ୍ଜୁରିରେ ରଖି ପୋଷିଲେ କିଛି କ୍ଷତି ନାହିଁ । ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ତାହା ମଣିଷଙ୍କ ପାଇଁ ଭଲ । ଯା ବାଦ୍ ଗୁଜୁରାଟ ହାଇକୋର୍ଟର ନିର୍ଦ୍ଦେଶ ପକ୍ଷୀ ବ୍ୟବସାୟୀଙ୍କ କ୍ଷତି କରୁଛି । ହାଇକୋର୍ଟଙ୍କ ଆଦେଶ ବିରୋଧରେ ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ସଲ୍‌ମାନ୍ ଖୁର୍ସିଦ୍ ଏବଂ ଇମ୍‌ତିଆଜ୍ ଅହମ୍ମଦ ପକ୍ଷ ରଖିବା ପରେ ସରକାରଙ୍କୁ ନୋଟିସ୍ ଜାରି ହୋଇଛି । ଏଣେ ଅଧ୍ୟୟନ କହୁଛି ଯେ ପକ୍ଷୀଙ୍କୁ ପଞ୍ଜୁରିରେ ଯେତେ ଭଲରେ ରଖିଲେ ବି ତାଙ୍କ ପ୍ରାକୃତିକ ଜୀବନ, ପାରସ୍ପରିକ ଭାବ ବିନିମୟ ଏବଂ ପ୍ରକୃତି ଅନୁକୂଳ ଜୀବନଚର୍ଯ୍ୟା ସମ୍ଭବ ନୁହେଁ । ତଥ୍ୟ ମୁତାବକ, ପ୍ରାୟ ୩୦୦ ପ୍ରଜାତିର ପକ୍ଷୀଙ୍କୁ ନେଇ ଭାରତରେ ବେଶ୍ ପ୍ରତିଷ୍ଠିତ ପକ୍ଷୀ ବ୍ୟବସାୟ । ଶ୍ରୀଯୁକ୍ତ ବ୍ୟାକ୍‌ଙ୍କ କାହାଣୀରେ ଜୋନାଥନ୍ ପଚାରୁଛି ଯେ ସେ ଉଚ୍ଚତାକୁ ଭଲପାଏ, ଗତିକୁ ଭଲପାଏ- ଆଉ କେତେ ଦୂରକୁ ସେ ଉଡିପାରିବ ? ଉତ୍ତର ମିଳୁଛି ଯେ ଯେଉଁମାନଙ୍କର ଆଗ୍ରହ ଅଛି ଏବଂ ଯେଉଁମାନେ ଶୃଙ୍ଖଳିତ, ସେମାନଙ୍କ ପାଇଁ ଉଚ୍ଚତାର ସୀମା ନାହିଁ । ପ୍ରୟୋଜନ ଅଧ୍ୟବସାୟର; ନିଷ୍ଠାର । ତେଣିକି ଡେଣା ମେଲେଇବାର ବେଳ । ଆକାଶ ସହିତ ଏକାତ୍ମ ହେବାର ବେଳ । ○

(ନିତିଦିନ, ତା: ୨୭/୧୧/୨୦୧୫)



ପାଠକମାନେ ପରୀକ୍ଷା କରି ଦେଖନ୍ତୁ ତାଙ୍କର ପ୍ରବନ୍ଧମାନଙ୍କୁ ଦେଖିବେ, ଗପ ପଢ଼ିବାପରି ଲାଗିବ। ମଝିରେ ମଝିରେ କବିତାର ବିଜୁଳି ମଧ୍ୟ ଝଲସିବ। ଲାଗିବ, ଝଡ଼ ଆସୁଛି, ଲାଗିବ ପ୍ରଳୟ ଆସନ୍ନ, ଏହା ଏକ ଘୂର୍ଣ୍ଣିବାତ୍ୟାର ସୂଚନା..

ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ

ପାଠକୀୟ ଦୃଷ୍ଟିକୋଣରୁ ଶୈଳେନ୍ଦ୍ର ଦ୍ୱିବେଦୀଙ୍କ ରଚନାକୁ ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ପର୍ଯ୍ୟାୟଭୁକ୍ତ ନକରିବା ଭଲ। କାରଣ ବିଭାଗୀକରଣରେ ତା'ର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବାର ଆଶଙ୍କା ଅଛି। ପ୍ରବନ୍ଧର ଗାମ୍ଭୀର୍ଯ୍ୟପୂର୍ଣ୍ଣ ମନନଶୀଳତା ସହ କଥନଶୈଳୀ, ଚରିତ୍ରାନ୍ୟାସ, ବର୍ଣ୍ଣନାରେ ବ୍ୟଙ୍ଗାତ୍ମକ ବ୍ୟଞ୍ଜନା, କାବ୍ୟଧାରାର ଅନୁପମ ପ୍ରବାହ, ଅର୍ଥବହ ଇଙ୍ଗିତ, ଭାବ ବିନିମୟର ଅନୁପମ ନାଟକୀୟତା- ଏ ସବୁ ରହିଛି ତାଙ୍କ ରଚନାରେ। ଲେଖକୀୟ ଆଚରଣଟି ଯାହା ପ୍ରବନ୍ଧସୁଲଭ। ରଚନାଟିରେ ପାଠକୀୟ ଅନୁପ୍ରବେଶ ଭାଙ୍ଗିଦିଏ ତଥାକଥିତ ଆବରଣ ଓ ଆକାର। ଏହା ଫରାସୀ ଲେଖକ କାମ୍ୟୁ ଓ ଇଂରାଜୀ ରଚନାକାର ଆଲଡସ୍ ହକ୍ସଲେଙ୍କ ଗଦ୍ୟ ରଚନା ସହ ତୁଳନୀୟ ବୋଲି ମୁଁ ମନେକରେ। ତେବେ ଶୈଳେନ୍ଦ୍ରଙ୍କ ରଚନାର ସ୍ୱତନ୍ତ୍ର ଗରିମା ଓ ସୌନ୍ଦର୍ଯ୍ୟବୋଧ ମୌଳିକତା ଦୃଷ୍ଟିକୋଣରୁ ଅତୁଳନୀୟ।

ଆଉ ଗୋଟିଏ କଥା। ଶୈଳେନ୍ଦ୍ରଙ୍କ ରଚନା କୌଣସି ଉଦ୍ଦେଶ୍ୟଭିତ୍ତିକ ନୁହେଁ। କାରଣ ଯେ କୌଣସି ଉଦ୍ଦେଶ୍ୟ ସାହିତ୍ୟର ବିଶାଳତାକୁ ସଂକୁଚିତ କରିପାରେ। ପ୍ରକୃତ ରଚନା ହେଉଛି ଏକ ଦର୍ପଣ ଯେଉଁଥିରେ ସମାଜ ତା' ମୁହଁ ଦେଖେ। ତାଙ୍କର ସମସ୍ତ ରଚନା ହେଉଛି ଏକ ସାମାଜିକ ପ୍ରତିଫଳନ। ଆଶା, ପାଠକମାନେ ଏହାର ମୌଳିକତା କୁ ହୃଦୟରେ ଅନୁଭବ କରିବେ।

...ପ୍ରକାଶ ମହାପାତ୍ର

Non-Fiction
Cover: Prakash Mohapatra
Events Publications.
4555 VSS Nagar,
Bhubaneswar- 751007

₹ 180

ISBN 978-81-908070-1-2
978-81-908070-1-2